**ଓଡ଼ିଶା ସରକାର**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**

ସ୍ମାରକ ସଂଖ୍ୟା ୧୨୪୮୪/SSD ଭୁବନେଶ୍ୱର, ତାରିଖ ୦୨.୦୬.୨୦୨୬

STSCD-PCR-POLICY-0003-2024

**କାର୍ଯ୍ୟାଳୟ ସ୍ମାରକପତ୍ର**

ଓଡ଼ିଶା ବୃତ୍ତିଗତ ଶିକ୍ଷାନୁଷ୍ଠାନ (ନାମଲେଖା ନିୟନ୍ତ୍ରଣ ଏବଂ ଫି ନିର୍ଦ୍ଧାରଣ) Odisha Professional Educational Institutions (Regulation of Admission and Fixation of Fee) ଆଇନ, ୨୦୦୭ ର ଧାରା–୪ ଅଧୀନରେ ଗଠିତ ନୀତି ନିର୍ଦ୍ଧାରଣ କମିଟି ( Policy Planning Body)ଙ୍କ ସୁପାରିଶ ଅନୁଯାୟୀ, ରାଜ୍ୟ ସରକାର ଅନୁସୂଚିତ ଜନଜାତି (ST) ଙ୍କ ସଂରକ୍ଷଣ ହାର ୧୨% ରୁ ୨୨.୫ % କୁ, ଅନୁସୂଚିତ ଜାତି (SC) ଙ୍କ ସଂରକ୍ଷଣ ହାର ୮% ରୁ ୧୬.୨୫% କୁ ବୃଦ୍ଧି କରିବା ପାଇଁ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (SEBC)ର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରିଛନ୍ତି ।

ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅଂଗୀଭୂତ କଲେଜ ଓ ଅନୁବନ୍ଧିତ ଶିକ୍ଷାନୁଷ୍ଠାନ,ଆଇ.ଟି.ଆଇ.(ITI),ପଲିଟେକ୍ନିକ(Polytechnic) ଗୁଡିକରେ ପ୍ରଦାନ କରାଯାଉଥିବା ଯାନ୍ତ୍ରିକୀ (Engineering), ପ୍ରଯୁକ୍ତି (Technology), ପରିଚାଳନା (Management), କମ୍ପ୍ୟୁଟର ପ୍ରୟୋଗ (Computer Applications), ଚିକିତ୍ସା (Medicine), ଶଲ୍ୟଚିକିତ୍ସା (Surgery), ଦନ୍ତଚିକିତ୍ସା (Dental), ନର୍ସିଙ୍ଗ (Nursing), ଫାର୍ମାସି (Pharmacy), ସହଯୋଗୀ ସ୍ୱାସ୍ଥ୍ୟ ବିଜ୍ଞାନ (Allied Health Sciences), ପଶୁଚିକିତ୍ସା ବିଜ୍ଞାନ (Veterinary Science), ଆୟୁର୍ବେଦ (Ayurveda), ହୋମିଓପାଥି (Homeopathy), କୃଷି ଓ ସହଯୋଗୀ ବିଜ୍ଞାନ (Agriculture and Allied Sciences), ସ୍ଥାପତ୍ୟ କଳା (Architecture), ପ୍ଲାନିଙ୍ଗ (Planning), ସିନେମାଟିକ କଳା ଓ ପ୍ରଯୁକ୍ତି (Cinematic Art and Technology) ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ସମୟ ସମୟରେ ବିଜ୍ଞପ୍ତି ପ୍ରକାଶିତ ଅନ୍ୟ ଯେ କୌଣସି ପାଠ୍ୟକ୍ରମ ମାନଙ୍କରେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ସାର୍ଟିଫିକେଟ, ଡିପ୍ଲୋମା ଓ ଡିଗ୍ରୀ ପ୍ରଦାନ କରାଯାଉଥିବା କ୍ଷେତ୍ରରେ କାର୍ଯ୍ୟକାରୀ ହେବ ।

ଏତଦ ଅନୁଯାୟୀ, ଉପରୋକ୍ତ ପାଠ୍ୟକ୍ରମମାନଙ୍କରେ ନାମଲେଖା ପାଇଁ ନିମ୍ନଲିଖିତ ଏକକ (uniform) ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ ।

- ଅନୁସୂଚିତ ଜନଜାତି (ST): ୨୨.୫%
- ଅନୁସୂଚିତ ଜାତି (SC): ୧୬.୨୫%
- ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ (SEBC): ୧୧.୨୫%

ବାର୍ଷିକ ଅନୁମୋଦିତ ଆସନ ସଂଖ୍ୟା ହିସାବ କରିବା ସମୟରେ ସର୍ବ ଭାରତୀୟ କୋଟା(All India Quota) ପାଇଁ ସଂରକ୍ଷିତ ଆସନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ ନାହିଁ । ସମାନ୍ତରାଳ (Horizontal) ସଂରକ୍ଷଣ ଓ ଆର୍ଥିକ ଭାବେ ଦୁର୍ବଳ ବର୍ଗ (EWS) ପାଇଁ ସଂରକ୍ଷଣ ବ୍ୟବସ୍ଥା ବର୍ତ୍ତମାନର ପ୍ରଚଳିତ ଅଧିନିୟମ, ନିୟମାବଳୀ, ବିଧିବିଧାନ ଓ ସରକାରଙ୍କ ଦ୍ୱାରା ସମୟ ସମୟରେ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଚାଳିତ ହେବ।

ଉପରୋକ୍ତ ସଂରକ୍ଷଣ ବ୍ୟବସ୍ଥା ଶିକ୍ଷାବର୍ଷ ୨୦୨୬-୨୭ ତତ୍କାଳ ଲାଗୁ କରାଯିବ ।

ରାଜ୍ୟ ପାଳଙ୍କ ନିର୍ଦ୍ଦେଶକ୍ରମେ

ବା. ପରମ୍

(ବା. ପରମେଶ୍ୱରନ୍ )

କମିସନର ତଥା ଶାସନ ସଚିବ

ଜ୍ଞାପକ ସଂଖ୍ୟା : ୧୨୫୯୬ /SSD ତାରିଖ: ୦୨.୦୬.୨୦୨୬

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା : ୧୨୫୯୭ /SSD ତାରିଖ : ୦୨.୦୬.୨୦୨୬

ମାନ୍ୟବର ମନ୍ତ୍ରୀ, ଅନୁସୁଚତି ଜନଜାତି ଓ ଅନୁସୁଚତି ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ମାନ୍ୟବର ମନ୍ତ୍ରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା : ୧୨୫୯୮ /SSD ତାରିଖ : ୦୨.୦୬.୨୦୨୬

ମାନ୍ୟବର ମନ୍ତ୍ରୀ, ଆଇନ୍ ବିଭାଗଙ୍କ ବ୍ୟକ୍ତିଗତ ସଚିବ/ ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ବିଭାଗଙ୍କ ବ୍ୟକ୍ତିଗତ ସଚିବ/ ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗଙ୍କ ବ୍ୟକ୍ତିଗତ ସଚିବ/ ମାନ୍ୟବର ମନ୍ତ୍ରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗଙ୍କ ବ୍ୟକ୍ତିଗତ ସଚିବ / ମାନ୍ୟବର ମନ୍ତ୍ରୀ,ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗଙ୍କ ବ୍ୟକ୍ତିଗତ ସଚିବ / ମାନ୍ୟବର ମନ୍ତ୍ରୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗଙ୍କ ବ୍ୟକ୍ତିଗତ ସଚିବ / ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗଙ୍କ ବ୍ୟକ୍ତିଗତ ସଚିବ ନିକଟକୁ ମାନ୍ୟବର ମନ୍ତ୍ରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା : ୧୨୫୯୯ /SSD ତାରିଖ : ୦୨.୦୬.୨୦୨୬

ମୁଖ୍ୟ ଶାସନ ସଚବିଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ/ ଉନ୍ନୟନ କମିସନର ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ, ଯୋଜନା ଓ ସଂଯୋଜନ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା : ୧୨୬୦୦ /SSD ତାରିଖ: ୦୨.୦୬.୨୦୨୬

ପ୍ରମୁଖ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ, ଆଇନ୍ ବିଭାଗ /କମିଶନର-ତଥା-ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ/ କମିଶନର-ତଥା-ଶାସନ ସଚବିଙ୍କ ବ୍ୟକ୍ତିଗତ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ / କମିଶନର-ତଥା-ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ/ ପ୍ରମୁଖ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ/ ପ୍ରମୁଖ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ/ କମିଶନର-ତଥା-ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ, ଉଚ୍ଚଶିକ୍ଷା ବିଭାଗ, ସଚିବ ମାନଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା : ୧୨୬୦୧ /SSD ତାରିଖ : ୦୨.୦୬.୨୦୨୬

ସମସ୍ତ ସରକାରୀ ବିଭାଗ / ଅନୁସୁଚତି ଜନଜାତି ଓ ଅନୁସୁଚତି ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ସମସ୍ତ ନିର୍ଦ୍ଦେଶାଳୟ ଓ ବିଭାଗର ସମସ୍ତ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା : ୧୨୬୦୨ /SSD ତାରିଖ : ୦୨.୦୬.୨୦୨୬

ଅନୁସୁଚତି ଜନଜାତି ଓ ଅନୁସୁଚତି ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ସମସ୍ତ ଉପବିଭାଗ (ଡାଏରୀ/ଇସ୍ୟୁ ଉପବିଭାଗ ବ୍ୟତୀତ) / ସୂଚନା ପାଇଁ ପ୍ରେରଣ କରାଗଲା।

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା : ୧୨୬୦୭ /SSD ତାରିଖ : ୦୨.୦୬.୨୦୨୬

ନିର୍ଦ୍ଦେଶକ,ମୁଦ୍ରଣ,ଷ୍ଟେସନାରୀ ଓ ପ୍ରକାଶନ, ଓଡ଼ିଶା,କଟକଙ୍କ ନିକଟକୁ ଏହି କାର୍ଯ୍ୟାଳୟ ସ୍ମାରକପତ୍ର ଟିକୁ ପ୍ରେରଣ କରାଗଲା । ଏହିପତ୍ରକୁ ଓଡ଼ିଶା ଗେଜେଟ୍ (Odisha Gazette) ର ପରବର୍ତ୍ତୀ ସଂଖ୍ୟା/ଅତିରିକ୍ତ ସଂଖ୍ୟାରେ ପ୍ରକାଶ କରିବା ଏବଂ ଏହିବିଭାଗକୁ ୧୦୦ ଗୋଟି କପି ଯୋଗାଇବା ପାଇଁ ଅନୁରୋଧ କରାଗଲା ।

ଉପଶାସନ ସଚିବ